ODISHA SKILL
DEVELOPMENT AUTHORITY

# ଜିଲ୍ଲା ସ୍ତରୀୟ ନିଯୁକ୍ତି ମେଳା
# ନବରଙ୍ଗପୁର

## ତାରିଖ :- ୨୧.୧୨.୨୦୧୯ ସମୟ : ଦିବା ୧୧:୦୦ ମିନିଟ
## ସ୍ଥାନ :- ରାଜା ଚୈତନ୍ୟଦେବ ଉଚ୍ଚ ବିଦ୍ୟାଳୟ ଖେଳପଡିଆ, ନବରଙ୍ଗପୁର

ଓଡିଶା ଦକ୍ଷତା ବିକାଶ କର୍ତ୍ତୃପକ୍ଷ ,ଓଡ଼ିଶାଙ୍କ ତରଫରୁ ଜିଲ୍ଲା ପ୍ରଶାସନ, ନବରଙ୍ଗପୁର ବିଗତ ବର୍ଷ ମାନଙ୍କ ଭଳି ଏ ବର୍ଷ ମଧ୍ୟ ଅନୁରୂପ ନିଯୁକ୍ତି ମେଳାର ଆୟୋଜନ କରିବାକୁ ଯାଉଅଛି । ଏହା ଆସନ୍ତା *ତା. ୨୧.୧୨.୨୦୧୯* ରିଖ ଦିବା ଘ. ୧୧.୦୦ ମି. ସମୟରେ ରାଜା ଚୈତନ୍ୟ ଦେବ ଉଚ୍ଚ ବିଦ୍ୟାଳୟ ଖେଳପଡିଆ, ନବରଙ୍ଗପୁର ଠାରେ ଅନୁଷ୍ଠିତ ହେବ । ଏହି ନିଯୁକ୍ତି ମେଳାରେ ରାଜ୍ୟ ଓ ରାଜ୍ୟ ବାହାର ର ବିଭିନ୍ନ ନିଯୁକ୍ତି ଦାତା ସଂସ୍ଥା ମାନେ ଯୋଗ ଦେବେ । ଏହା ବ୍ୟତୀତ, ଓଡ଼ିଶା ଦକ୍ଷତା ବିକାଶ କର୍ତ୍ତୃପକ୍ଷଙ୍କ (OSDA), ସହ ବୁଝାମଣା ପତ୍ର (MoU) ସ୍ୱାକ୍ଷର କରିଥିବା ଜିଲ୍ଲା ଓ ଜିଲ୍ଲା ବାହାରର ପ୍ରକଳ୍ପ କାର୍ଯ୍ୟକାରିଣୀ ସଂସ୍ଥା ବା Project Implementing Agencies (PIAs) ମାନେ ମଧ୍ୟ ଯୋଗଦେବେ । ସମସ୍ତ ନିଯୁକ୍ତି ଦାତା ସଂସ୍ଥା ମାନଙ୍କରେ ସିଧା ସଳଖ ନିଯୁକ୍ତିର ସୁଯୋଗ ରହିଅଛି । ପ୍ରକଳ୍ପ କାର୍ଯ୍ୟକାରିଣୀ ସଂସ୍ଥା ମାଧ୍ୟମରେ, ଜିଲ୍ଲା ଓ ଜିଲ୍ଲା ବାହାରେ ତାଲିମ ନେଇ ମଧ୍ୟ ନିଶ୍ଚିତ ନିଯୁକ୍ତିର ସୁଯୋଗ ହାସଲ କରିପାରିବେ ।

ସୁତରାଂ, ନବରଙ୍ଗପୁର ଜିଲ୍ଲାର ରୋଜଗାର ସନ୍ଧାନରେ ଥିବା ୮ମ ଶ୍ରେଣୀ ପାସ ଠାରୁ ଦଶମ ଶ୍ରେଣୀ ଫେଲ ପର୍ଯ୍ୟନ୍ତ ଏବଂ ମାଟ୍ରିକ ପାସ ଠାରୁ ସ୍ନାତକ/ ଆଇ.ଟି.ଆଇ(ITI) / ଡିପ୍ଲୋମା(Diploma) ପାସ କରିଥିବା ଆଗ୍ରହୀ ଯୁବକ/ଯୁବତୀ ମାନେ ନିଜ ନିଜର ପଞ୍ଚାୟତ ସମିତି କାର୍ଯ୍ୟାଳୟକୁ(BLOCK OFFICE) ଯାଇ, *ତା.୧୬.୧୨.୨୦୧୯ ଠାରୁ ତା. ୨୦.୧୨.୨୦୧୯* ରିଖ ମଧ୍ୟରେ ସେମାନଙ୍କ ର ନାମ ପଞ୍ଜୀକୃତ କରାଇ ଏହି ମେଳାରେ ଭାଗ ନେଇ ପାରିବେ । ଏଥି ଲାଗି ପ୍ରାର୍ଥୀ ଓ ପ୍ରାର୍ଥିନୀ ମାନେ ନିଜ ନିଜର ପଞ୍ଚାୟତ ସମିତି କାର୍ଯ୍ୟାଳୟକୁ ଯାଇ ଏକ ଆବେଦନ ପତ୍ର ସହ, ପ୍ରବେଶ ପତ୍ର ହାସଲ କରିବାକୁ ପଡିବ । ଆବେଦନ ପତ୍ର ସହ ପ୍ରବେଶ ପତ୍ର / ଶିକ୍ଷ୍ୟାଗତ ଯୋଗ୍ୟତା / ବାସିନ୍ଦା ପ୍ରମାଣ ପତ୍ର / ଜାତିଗତ ପ୍ରମାଣ ପତ୍ର /ପାସପୋର୍ଟ ସାଇଜ ଫୋଟ (୬ ଗୋଟି) ସହିତ ନିର୍ଦ୍ଧାରିତ ତାରିଖ ଓ ସମୟରେ ନିଯୁକ୍ତି ମେଳାରେ ଯୋଗ ଦେଇ ପାରିବେ । ***ଯେଉଁ ପ୍ରାର୍ଥୀ ଓ ପ୍ରାର୍ଥିନୀ ମାନେ ନିଜ Block Office ରେ ନାମ ପଞ୍ଜୀକୃତ କରିନଥିବେ, ସେମାନେ ନିଯୁକ୍ତି ମେଳା ଦିନ ମଧ୍ୟ ନିଜର ନାମ ପଞ୍ଜୀକୃତ କରି ଏଥିରେ ଭାଗ ନେଇପାରିବେ ।***

ସୁତରାଂ ଜିଲ୍ଲା ପ୍ରଶାସନ ନବରଙ୍ଗପୁର ତରଫରୁ ସମସ୍ତ ନିଯୁକ୍ତି ଆଶାୟୀ ପ୍ରାର୍ଥୀ/ପ୍ରାର୍ଥିନୀ ମାନଙ୍କୁ ଜଣାଇ ଦିଆ ଯାଉଛି କି, ଉକ୍ତ ନିଯୁକ୍ତି ମେଳାରେ ଯୋଗ ଦେଇ ଏହାର ସୁଯୋଗ ହାସଲ କରନ୍ତୁ ।

ସ୍ୱା/-
ଜିଲ୍ଲା ନିୟୋଜନ ଅଧିକାରୀ,
ନବରଙ୍ଗପୁର

ସ୍ୱା/-
ଜିଲ୍ଲାପାଳ,
ନବରଙ୍ଗପୁର